## ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ଜୟପୁର, (ନି.ପ୍ର.): ଶାଶୁଘର ଲୋକେ ଯୌତୁକ ନେଇ ନିର୍ଯାତନା ଦେଉଥିବା ଜଣେ ମହିଳା ଜୟପୁର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ପାଡୁଆ ଅଞ୍ଚଳର ମାନସୀ ବାଘ ୨୦୧୭ରେ ସଚିନଙ୍କୁ ବିବାହ କରିଥିଲେ। ବିବାହର ୩ବର୍ଷ ବିତିଯାଇଥିଲେ ମଧ ତାଙ୍କ ଘରେ ଅଶାନ୍ତି ଲାଗି ରହିଥିଲା। ସ୍ୱାମୀ, ଶାଶୁ,ଶଶୁର ଦିଅର ଯୌତୁକ ପାଇଁ ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ ବୋଲି ସେ ଏତଲାରେ ଉଲ୍ଲେଖ କରିଛନ୍ତି। ପ୍ରଥମେ ସେ ଏନେଇ ପାଡୁଆ ଥାନାରେ ଅଭିଯୋଗ କରିଥିଲେ। ପରିସ୍ଥିତିରେ କିଛି ସୁଧାର ନ ଆସିବାରୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ୭୦/୨୦ରେ ଏକ ମାମଲା ରୁଜୁ ହୋଇଛି। ଏହାର ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ସଂକ୍ଷେପରେ

## ଦୁଇ ବାଇକ୍ ମୁହାଁମୁହିଁ, ୧ ମୃତ

ରାୟଗଡ଼ା ଅଫିସ,୩୦।୧୧

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଲକ୍ଷ୍ମୀପୁର ନିକଟରେ ସୋମବାର ଦୁଇ ବାଇକ୍ ମଧରେ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶିକରପାଇ ଗ୍ରାମର ଭୀମ ମହନନ୍ଦିଆ। ବାଇକ୍ ଯୋଗେ ନିଜ ଗାଁରୁ ରାୟଗଡ଼ା ଅଭିମୁଖେ ଯିବା ସମୟରେ ଲକ୍ଷ୍ମୀପୁର ନିକଟରେ ବିପରୀତ ଦିଗରୁ ଅସୁଥିବା ଅନ୍ୟ ଏକ ବାଇକ୍ ସହ ମୁହାମୁହିଁ ଧକ୍କା ହୋଇଥିଲା। ଏଥିରେ ଭୀମଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଚାନ୍ଦିଲି ପୋଲିସ ପହଞ୍ଚି ମୃତଦେହ ଏବଂ ୨ ବାଇକ୍ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଫେରାର ଥିବା ଥାନାଧିକାରୀ ରଶ୍ମି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ପୋଖରୀରେ ବୁଡ଼ି ନାବାଳକ ମୃତ

ନନ୍ଦାହାଣ୍ଡି,୩୦।୧୧(ଡି.ଏନ୍.ଏ.)

କଇଁ ଫୁଲ ତୋଳିବା ହେଲା କାଳ। ପୋଖରୀରୁ କଇଁ ଫୁଲ ତୋଳିବାକୁ ଯାଇ ପାଣିରେ ବୁଡିଯିବାରୁ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଣ୍ଟାସର ଗ୍ରାମର ଈଶ୍ୱର ହରିଜନଙ୍କ ପୁଅ ରମାକାନ୍ତ (୧୭)ଙ୍କ ମୃତ୍ୟୁ ହୋଇଛି। ଖବର ଅନୁଯାୟୀ, ରମାକାନ୍ତ ନିଜ ବଡଭାଇ ମହେଶ୍ୱରଙ୍କ ସହିତ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେଇଠି କଇଁ ଫୁଲ ତୋଳିବା ବେଳେ ଦଳରେ ଛନ୍ଦି ହୋଇ ଯିବାରୁ ବାହାରକୁ ବାହାରି ପାରି ନ ଥିଲେ। ଫଳରେ ପାଣିରେ ବୁଡି ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ପରିବାର ଲୋକେ ନନ୍ଦାହାଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପାଣିରୁ ଉଦ୍ଧାର କରିଥିଲେ। ତେନ୍ତୁଳିଖୁଣ୍ଟି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବାକୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟଚ୍ଛେଦ ପରେ ପୋଲିସ ମୃତଦେହ ପରିବାରକୁ ହସ୍ତାନ୍ତର କରିଛି। ପୋଲିସ ୨୨/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଜଗନ୍ନାଥ ମନ୍ଦିରକୁ ୨ ଏକର ଜମି ଦାନ

ଜୟପୁର, ୩୦।୧୧ (ନି.ପ୍ର.)-

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ଚାରଗାଁ ଗ୍ରାମର ଭଦ୍ର ପୂଜାରୀ ବାଗଦେରି ଜଗନ୍ନାଥ ମନ୍ଦିର ଓ କୁନ୍ଦୁରା ଜଗନ୍ନାଥ ମନ୍ଦିରକୁ ୧ ଏକର ଲେଖାଏ ୨ ଏକର ଜମି ଦାନ କରିଛନ୍ତି। ଜଗନ୍ନାଥ ମନ୍ଦିର କମିଟି ତରଫରୁ ପ୍ରତିନିଧି ଭାବେ ସଭାପତି ଧନପତି ଗୌଡ଼ଙ୍କୁ ଏ ସମ୍ପର୍କିତ କାଗଜପତ୍ର ପୂଜାରୀ ହସ୍ତାନ୍ତର କରିଛନ୍ତି। ଏହି ସମୟରେ ପରିଚାଳନା କମିଟିର ଉପଦେଷ୍ଟା ଚନ୍ଦ୍ର ସଗରିଆ, ରାଧାପ୍ରସାଦ ପାତ୍ର, ତୁଳା ଚନ୍ଦ୍ର ସାହୁ, ଚନ୍ଦ୍ର ସଗରିଆ, ବିଦ୍ୟାଧର ସାହୁ, ତିଲ ନାୟକ, କୁଶ ସାନ୍ତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଦିର ବନ୍ଦ, ଭକ୍ତଙ୍କୁ ମିଳିଲାନି ଦର୍ଶନ



ଡାବୁଗାଁ, ୩୦।୧୧ (ଡି.ଏନ୍.ଏ.)

କୋଭିଡ୍ କଟକଣା ଭିତରେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଛି। ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଥିଲା। ଭୋରରୁ ଭକ୍ତମାନେ ଶିବ, ଜଗନ୍ନାଥ ଓ ରାଧାକୃଷ୍ଣ ମନ୍ଦିରକୁ ଯାଇଥିଲେ ମଧ ସେଠାରେ କରୋନା କଟକଣା ପାଇଁ ମନ୍ଦିର ଫାଟକରେ ତାଲା ପକାଯାଇଥିବା ଦେଖି ଫେରି ଆସିଥିଲେ। ମନ୍ଦିରରେ ନୀତିକାନ୍ତି କିନ୍ତୁ ଯଥାରୀତି ପାଳନ କରାଯାଇଥିଲା। ଡାବୁଗାଁ ବ୍ଲକର ପ୍ରସିଦ୍ଧ କେଲିଆ ଶୈବପୀଠରେ ମଧ ଭକ୍ତଙ୍କ ଦର୍ଶନ ବାରଣ କରାଯାଇଥିଲା। କରୋନା କଟକଣା ପାଇଁ ପୂର୍ଣ୍ଣିମା ଦିନ ମନ୍ଦିରରେ ଭକ୍ତଙ୍କ ପ୍ରବେଶ ନିଷିଦ୍ଧ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧମରେ ଘୋଷଣା କରଯାଇଥିଲା। ତଥାପି କିଛି ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ କେଲିଆରେ ପହଞ୍ଚ ଥିଲେ। ପୋଲିସ ସେମାନଙ୍କୁ ରାସ୍ତାରୁ ହିଁ ଫେରାଇ ଦେଇଥିଲେ । ଡାବୁଗାଁ ର ବିଭିନ୍ନ ମନ୍ଦିର ସମ୍ମୁଖରେ ସୁରକ୍ଷାକର୍ମୀ ଦିନ ତମାମ ଜଗି ରହିଥିଲେ।

# ମାଲକାନଗିରି: ଜିଲାରେ ଆରମ୍ଭ ହେଲା ଧାନମଣ୍ଡି

ମାଲକନଗିରି,୩୦।୧୧(ଡି.ଏନ୍.ଏ.)



ଅତିଥିମାନେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।

- ସକାଳ ୮ଟାରୁ ଅପରହ୍ନ ୨ଟା ପର୍ଯ୍ୟନ୍ତ ଆଣିପାରିବେ
- ୧୫ ସ୍ଥାନରେ ଖୋଲିଛି ଖରିଫ ମଣ୍ଡି
- ବିଶୃଙ୍ଖଳା ସୃଷ୍ଟି କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ପ୍ରମାଣ ଯୋଗାଇବାକୁ ଜଗିଛି ସିସିଟିଭି

ସୋମବାର ମାଲକାନଗିରି ଜିଲାରେ ଖରିଫ ଧାନମଣ୍ଡି ଆରମ୍ଭ ହୋଇଛି। ଚାଷୀମାନଙ୍କ ଧାନ ଖରିଦ ପାଇଁ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ହୋଇଥିବା ମଣ୍ଡିକୁ ଜିଲାପାଳ ୱାଇ. ବିଜୟ ଉଦ୍‌ଘାଟନ କରିଛନ୍ତି। ମଣ୍ଡିରେ ୧୪ଜଣ ଚାଷୀଙ୍କ ଧାନକୁ ଡିଜିଟାଲ ମୋଷ୍ଟର ମିଟର ଦ୍ୱାରା ପରୀକ୍ଷା କରାଯିବା ସହ ଧାନର ପରିମାଣ ଡିଜିଟାଲ ମେଶିନ ଦ୍ୱାରା ଓଜନ କରାଯାଇଥିଲା। ଟୋକନ ପାଇଥିବା ଚାଷୀମାନେ କେବଳ ଧାନ ଆଣିଥିଲେ। ଟୋକନ ନ ଥିବା ଚାଷୀ ମଣ୍ଡିକୁ ଧାନ ଆଣିବା ମନା। ଏନେଇ ପୂର୍ବରୁ ଚାଷୀ ସଙ୍ଗଠନ ଓ ଚାଷୀଙ୍କୁ ଅବଗତ କରାଯାଇଛି। ମଣ୍ଡିରେ ସିସି କ୍ୟାମେରା ଲଗାଯାଇଛି। କୌଣସି ଦଲାଲ କିମ୍ବା ବାହାର ବ୍ୟକ୍ତି ଯଦି ମଣ୍ଡି ଭିତରେ ପଶି ଧାନ ବିକ୍ରିରେ ବିଶୃଙ୍ଖଳା କଲେ ସିସି ଟିଭି ଫୁଟେଜ୍‌କୁ ଆଧାର କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ବିଜୟ କହିଛନ୍ତି। କୌଣସି ଚାଷୀ ଯେପରି ତାଙ୍କର ଧାନ ବିକ୍ରି ଏବଂ ନିର୍ଦ୍ଦିଷ୍ଟ ସମୟରେ ଅର୍ଥ ପାଇବାରେ ଅସୁବିଧା ନ ହୁଏ, ମଣ୍ଡିରୁ ଧାନ ସ୍ୱୀକୃତିପ୍ରାପ୍ତ ମିଲ୍‌କୁ ପରିବହନ ଦାୟିତ୍ୱ ନେଇଥିବା ଟ୍ରକ୍ ମାଲିକ ଯେପରି ଧାର୍ଯ୍ୟ ସମୟ ମଧ୍ୟରେ ଧାନ ପହଞ୍ଚାଇବେ ସେଥିପ୍ରତି ଦୃଷ୍ଟିଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାର ମାଲକାନଗିରି ସହ ତାର୍ଲାକୋଟା, କୁଡୁମୁଲୁଗୁମ୍ମା, ସାଲିମି, ଏମ୍‌ଭି-୭୨, ଏମ୍‌ପିଭି-୮୧, ଖଡିମାଟି, ପଡ଼ିଆ, ମେକା, କାଲଦାପାଲି, ପୋଟେରୁ, ପୁରୁଣା ଚିମଟାପାଲି, ରାସବେଡା, ଡୁଡାମେଟା, ତଣ୍ଡାପାଲିରେ ଧାନମଣ୍ଡି ଆରମ୍ଭ ହୋଇଛି। ଚାଷୀଙ୍କ ଧାନରେ ବାହ୍ୟ ପଦାର୍ଥ, ମାଟି, ଗୋଡ଼ି, ବାଲି ଓ ଗୁଣ୍ଡ ଆଦି ମିଶିଥିଲେ କୁଇଣ୍ଟାଲ ପ୍ରତି ୧ ପ୍ରତିଶତ କଟାଯିବ । ସେହିପରି ଅଗାଡ଼ି ଥିଲେ ୧ପ୍ରତିଶତ, ନିକୃଷ୍ଟ, ବେରଙ୍ଗୀ, ପୋକଖିଆ, ପାଣିଫୁଲା ଧାନ ହୋଇଥିଲେ ୫ ପ୍ରତିଶତ କଟାଯିବ। ଅପରିପକ୍ୱ, ମଲା ବା ଚାଉଳ ବାହାରୁ ନ ଥିବା ଧାନ ଥିଲେ ୩ ପ୍ରତିଶତ, ସରୁଧାନରେ ମିଶ୍ରିତ ମୋଟା ଧାନ ଥିଲେ ୬ ପ୍ରତିଶତ, ଜଳୀୟ ଅଂଶ ଥିଲେ ୧୭ ପ୍ରତିଶତ କୁଇଣ୍ଟାଲ ପିଛା କଟାଯିବାକୁ ପ୍ରଶାସନ ଧାର୍ଯ୍ୟ କରିଛି। ଟୋକନ ପାଇଥିବା ଚାଷୀମାନେ ନିର୍ଦ୍ଧାରିତ ଦିନ ପୂର୍ବରୁ ଧାନ ସହ ନିଜ ପରିଚୟପତ୍ର ପ୍ରମାଣ, ଭୋଟର ପରିଚୟ ପତ୍ର, କିଷାନ କ୍ରେଡିଟ୍ କାର୍ଡ, ବିଜୁ କଲ୍ୟାଣ ଯୋଜନା କାର୍ଡ, ଆଧାର କାର୍ଡର ନକଲ ଧରି ମଣ୍ଡିକୁ ଆସିବେ । ପ୍ରତ୍ୟେକ ମଣ୍ଡିକୁ ସେମାନେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାନ ଆଣିପାରିବେ। ପଞ୍ଜୀକୃତ ଚାଷୀମାନେ ୭ଦିନ ପୂର୍ବରୁ ଟୋକନ ପାଇବେ । ଯଦି କୌଣସି ଅସୁବିଧା ହୁଏ ତେବେ ସେମାନେ ଜିଲାପାଳ, ଜିଲା ଯୋଗାଣ ବିଭାଗ, ସମ୍ପାଦକ ନିୟନ୍ତ୍ରିତ ବଜାର କମିଟିକୁ ଫୋନ ଦ୍ୱାରା ଜଣାଇପାରିବେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟ ଅଧକ୍ଷ ରାମେଶ୍ୱର ପ୍ରଧାନ, ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ସହକାରୀ ଯୋଗାଣ ଅଧିକାରୀ ମନୋଜ ପ୍ରଧାନ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୁରୁଚରଣ ନାୟକ, ରାଷ୍ଟ୍ରୀୟ କିଷାନ ମଜୁଦର ସଂଘ ସଭାପତି ସନୁ ଅନୁଗୁଙ୍କ ସହ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ, ମାଲକାନଗିରି ଲ୍ୟାମ୍ପ ପରିଚାଳକ ଏବଂ ମିଲ୍ ମାଲିକମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ସାଧାରଣ ଧାନ କୁଇଣ୍ଟାଲ ପିଛା ୧୮୬୮ ଟଙ୍କା ଥିଲା ବେଳେ ଗ୍ରେଡ୍ ଏ ଧାନ କୁଇଣ୍ଟାଲ ପିଛା ୧୮୮୮ ଟଙ୍କା ଧାର୍ଯ୍ୟ କରାଯାଇଛି।

# ପରମ୍ପରା ବଜାୟ ରଖିବାକୁ ପାଣି କୁଣ୍ଡରେ ଡଙ୍ଗାଭସା

- ଫିକା ପଡିଲା କାର୍ତ୍ତିକ ପୂର୍ଣ୍ଣମୀ
- ପୋଖରୀରେ ଭାସିଲାନି ବୋଇତ
- ମନ୍ଦିର ବାହାରେ ଦୀପ ଜଳାଇଲେ ଭକ୍ତ

ଉମରକୋଟ, ୩୦।୧୧(ସ୍ୱ.ପ୍ର.)



ଶ୍ରଦ୍ଧାଳୁମାନେ ଘରେ ବୋଇତ ଭସାଉଛନ୍ତି।

କରୋନା କଟକଣା ପାଇଁ ଚଳିତବର୍ଷର କାର୍ତ୍ତିକ ପୂର୍ଣ୍ଣମୀ ଫିକା ପଡିଛି। ପୂର୍ବ ବର୍ଷଗୁଡିକ ପରି ନାମ ସଂକୀର୍ତ୍ତନ ଓ ଦେବ ଦର୍ଶନ ହୋଇପାରିନି। ଶୈବ ପୀଠଗୁଡିକରେ ଭିଡ଼ ଦେଖାଯାଇ ନ ଥିଲା। ଦେବାଳୟରେ ହେଉଥିବା ଭୋଜିଭାତ ମଧ ସବୁ ବନ୍ଦ। ବିଭିନ୍ନ ଜଳାଶୟରେ ଡଙ୍ଗା ଭସାଇବାକୁ ମନା କରାଯାଇ ୧୪୪ ଧାରା ଲାଗୁ କରାଯାଇଥିଲା। ଉମରକୋଟବାସୀ କିନ୍ତୁ ପରମ୍ପରା ରକ୍ଷା ପାଇଁ ଘରେ ପାଣି ଟବ୍‌ରେ ଡଙ୍ଗା ଭସାଇଛନ୍ତି। ସେହିଭଳି କରୋନା କଟକଣା ଯୋଗୁ ମନ୍ଦିର ବନ୍ଦ ରହିଥିଲା। ଭକ୍ତମାନେ ସେଠାକୁ ଯାଇ ଦୀପ ଲଗାଇବା ସହ ମନ୍ଦିର ବାହାରୁ ଠାକୁରଙ୍କୁ ଦର୍ଶନ କରି ଫେରିଥିଲେ।

# ‘ଅନୁଭୂତିର କଥା ଓ କାହାଣୀ’ ଉନ୍ମୋଚିତ



ପୁସ୍ତକ ଉନ୍ମୋଚନ କରାଯାଉଛି।

ଉମରକୋଟ, ୩୦।୧୧(ସ୍ୱ.ପ୍ର.)

ଉମରକୋଟସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ପେଣ୍ଡରାଣୀ ମହାବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ଡ. ଅନିଲ କୁମାର ମିଶ୍ରଙ୍କ ରଚିତ ଗଳ୍ପ ସଂକଳନ ‘ଅନୁଭୂତିର କଥା ଓ କାହାଣୀ’ ଲୋକାର୍ପିତ ହୋଇଛି। ପ୍ରଫୁଲ୍ଲ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦେବ ନାରାୟଣ ବାରିକ ଓ ବାବୁରାମ ପାତ୍ର ଉଦ୍‌ଘାଟନୀ ସଙ୍ଗୀତ ଗାନ କରିଥିଲେ। ସୁରେନ୍ଦ୍ର ନାଥ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଝରିଗାଁ ମହାବିଦ୍ୟାଳୟ ଅଧାପକ ଗୋପାଳ ମହାରଣା ମୁଖ୍ୟବକ୍ତା, ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ଅଧାପକ ପ୍ରଦୀପ କୁମାର ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଗାଳ୍ପିକଙ୍କ ସ୍ତ୍ରୀ ସୁଜାତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମୀର କୁମାର ପ୍ରଧାନ, ନରେନ୍ଦ୍ର କୁମାର ରାଉତ, ଦିବାକର ପରିଡା, ରତିକାନ୍ତ ସାହୁ, ହୃଷୀକେଶ ତ୍ରିପାଠୀ, ରାମଚନ୍ଦ୍ର ରାମ, ରମେଶ ଚନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର କୁମାର ପଣ୍ଡା, ମନୋଜ କୁମାର ପଟ୍ଟନାୟକ, ମଧୁସ୍ମିତା ମହାରଣା,ଏମ୍. ମଧୁଛନ୍ଦା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶାବର ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ରାଜାରାଜେଶ୍ୱର ବେଶ



କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ରାଜାରାଜେଶ୍ୱରୀ ବେଶ ।

କୋରାପୁଟ,୩୦।୧୧(ସ୍ୱ.ପ୍ର)

କୋଭିଡ କଟକଣା ମଧରେ କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ର ଠାରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୋମବାର ମହାପ୍ରଭୁଙ୍କ ରାଜାରାଜେଶ୍ୱର ବେଶ ସହିତ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି । ସହରର ନରେନ୍ଦ୍ର ସରୋବର ଓ ଚନ୍ଦନ ପୋଖରୀରେ ବୋଇତ ବନ୍ଦାଣ ନିଷେଧ ହୋଇଥିବାରୁ ଲୋକେ କୋଲାବ ଜଳଭଣ୍ଡାରର ଦୁରୁଗୁଡା, ଚମ୍ପାଗୁଡା, ଘାଟଗୁଡା ସମେତ ଅନ୍ୟାନ୍ୟ ଘାଟଗୁଡିକରେ ବଡ଼ି ଭୋରରୁ ପୂଜାର୍ଚ୍ଚନା ସହ ଡଙ୍ଗା ଭସାଇଥିଲେ । ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରତିବର୍ଷ ହେଉଥିବା ବୋଇତ ବନ୍ଦାଣ ଉତ୍ସବକୁ ମନ୍ଦିର ପରିସରରେ ପାଳନ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ସମ୍ପାଦକ ଗଦାଧର ପରିଡାଙ୍କ ତତ୍ତ୍ୱାବଧାନରେ ଏବଂ ସେବାୟତମାନଙ୍କ ସହଯୋଗରେ ରାଧାକୁଞ୍ଜ ଥିବା ଟିକି ଜଳଧାରାରେ ପରମ୍ପରାକୁ ବଜାୟ ରଖି ପ୍ରତୀକାତ୍ମକ ବୋଇତ ଭସାଯାଇଥିଲା। ସୋମବାର ମହାବାହୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରାଜ ରାଜେଶ୍ୱରୀ ବେଶରେ ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ପ୍ରସାଦ ପ୍ରସ୍ତୁତି କରାଯାଇ ଭକ୍ତଙ୍କୁ ପ୍ରଦାନ ବ୍ୟବସ୍ଥା କରାଯାଇଥିଲା ।

## କୁଡୁମୁଲୁଗୁମ୍ମାରେ ଖୋଲିଲା ମଣ୍ଡି

କୁଡୁମୁଲୁଗୁମ୍ମା, ୩୦।୧୧(ଡି.ଏନ.ଏ.)

କୁଡୁମୁଲୁଗୁମ୍ମାରେ ସୋମବାର ଲ୍ୟାମ୍ପସ ପକ୍ଷରୁ ଧାନମଣ୍ଡି ଆରମ୍ଭ ହୋଇଛି। ଏହାକୁ ସରପଞ୍ଚ ପହଲା ପାଙ୍ଗୀ ଉଦ୍‌ଘାଟନ କରିଥିଲେ। ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, କୃଷି ଅଧିକାରୀ ପରମେଶ୍ୱର ଜେନା, ଯୋଗାଣ ଅଧିକାରୀ ପ୍ରଭାକର ଦୋରା,ରାମହରି ସାହୁ, ସମାଜିକ କର୍ମୀ ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ, ମଙ୍ଗଳା ମାଡୀ,ଗଣେଶ ପୂଜାରୀ,ଲ୍ୟାମ୍ପ ପରିଚାଳକ ରମେଶ ଚନ୍ଦ୍ର ରାଉତ, ମିଲ ମାଲିକ ଉପସ୍ଥିତ ଥିଲେ। ଅଗ୍ରପୂଜ୍ୟ ଗଣେଶଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ, ପୂଜାର୍ଚ୍ଚନା ଧାନ କିଣା ଆରମ୍ଭ ହୋଇଥିଲା। ମଣ୍ଡିକୁ ୪୦ ଜଣ ଚାଷୀ ଟୋକେନ ପାଇ ୨୭୪୦ ବସ୍ତା ଧାନ ଆଣିଥିଲେ। ଟୋକନ ପାଇଥିବା ଚାଷୀମାନେ ସକାଳ ୮ଟାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ମଣ୍ଡିକୁ ଧାନ ଆଣିପାରିବେ। ଯଦି କୌଣସି ଅସୁବିଧା ହୁଏ ତେବେ ଯୋଗାଣ ଅଧିକାରୀ ଓ ଲ୍ୟାମ୍ପ ସମ୍ପାଦକଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।

## ୯ କରୋନା ସଂକ୍ରମିତ ଚିହ୍ନଟ

କୋରାପୁଟ,୩୦।୧୧,(ସ୍ୱ.ପ୍ର.)–

କୋରାପୁଟରେ ସୋମବାର ୯ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧରେ କୋରାପୁଟ ପୌରାଞ୍ଚଳରୁ ୨ଜଣ, ଜୟପୁର ପୌରାଞ୍ଚଳରୁ ୩ ଜଣ, କୋଟପାଡ, ବୈପାରିଗୁଡା, ବୋରିଗୁମ୍ମା ଓ ଲମତାପୁଟ ବ୍ଲକରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି ।

# ଦାମନଯୋଡ଼ିରେ କାର୍ତ୍ତିକ ପୂର୍ଣ୍ଣିମା

ଦାମନଯୋଡି,୩୦।୧୧(ଡି.ଏନ.ଏ.)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଦାମନଯୋଡ଼ିରେ ପାଳିତ ହୋଇଯାଇଛି। ବଡିଭୋରରୁ ଶ୍ରଦ୍ଧାଳୁମାନେ ସ୍ନାନସାରି ଦିଅଁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। କୋଭିଡ୍ କଟକଣା ପାଇଁ ଜଳାଶୟଗୁଡିକରେ ଡଙ୍ଗା ଭସାଇବା ଉପରେ କଟକଣା ଲଗାଯାଇଥିବାରୁ ଅନେକ ଲୋକ ନିଜ ଘରେ ପାଣିକୁଣ୍ଡରେ ଡଙ୍ଗା ଭସାଇ ସାଧବପୁଅଙ୍କ ଦରିଆପାରି ବାଣିଜ୍ୟ ପରମ୍ପରାକୁ ମନେପକାଇଥିଲେ। ବିଭିନ୍ନ ଦେବାଳୟରେ ପୂଜକଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାନୀତି ସମ୍ପନ୍ନ ହୋଇଥିଲା। ନାଲ୍‌କୋ ଟାଉନସିପ୍ ସେକ୍ଟର-୧ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀଜୀଉଙ୍କ ସ୍ନାନବେଶ ହୋଇଥିଲା। କଟକଣା ଯୋଗୁ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନକରି ନ ପାରି ବାହାରୁ ମୁଣ୍ଡିଆ ମାରି ଫେରିଥିଲେ । ଏଥିର ସମୂହ ପ୍ରସାଦ ସେବନ ଓ ଅଷ୍ଟପ୍ରହର ନାମଯଜ୍ଞ ବାତିଲ ହୋଇଛି। କେବଳ ହରିନାମ ହୋଇଥିଲା। ସେହିପରି ମାଥାଲପୁଟ ତ୍ରିନାଥ ମନ୍ଦିରରେ ମଧ ହରିନାମ କାର୍ଯ୍ୟକ୍ରମ ହୋଇଥିଲା। ମାଥାଲପୁଟର ଶ୍ରୀରାଧାକୃଷ୍ଣ ମନ୍ଦିର, ଶ୍ରୀ ବଟୁକେଶ୍ୱର ମହାଦେବ, କଳାହାଣ୍ଡି କଲୋନୀ ଶିବମନ୍ଦିର, ମରିଚମାଳର ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପୀଠ, ଭେଜାପୁଟର ଶ୍ରୀସିଦ୍ଧେଶ୍ୱର ମହାଦେବ, ମାଥାଲପୁଟର ଶନିଶ୍ଚର ମନ୍ଦିର, ସେକ୍ଟର-୩ସ୍ଥିତ ମନ୍ଦିର, ଅଁଳାବାଡି କଲୋନି, ଚମ୍ପାପଦର କଲୋନି, ସୁରକ୍ଷାବିହାର ଓ ଗୌଡଗୁଡାସ୍ଥିତ ଶିବମନ୍ଦିରରେ ସ୍ୱତନ୍ତ୍ର ପୂଜା ନୀତି ହୋଇଥିଲା ।

## କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ମୁରୁଜ ପ୍ରତିଯୋଗିତା



ଜଣେ ପ୍ରତିଯୋଗୀ ପକାଇଥିବା ମୁରୁଜ ।

ନବରଙ୍ଗପୁର,୩୦।୧୧(ବି.ପ୍ର.)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୋମବାର ଏକ ମୁରୁଜ ପ୍ରତିଯୋଗିତା କରାଯାଇଛି। ନବରଙ୍ଗପୁରସ୍ଥିତ ବୁଢ଼ା ଚାଉଁରୀୟା ମନ୍ଦିରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଯୁବତୀ ଓ ମହିଳାମାନେ ସାମିଲ ହୋଇଥିଲେ। ମନ୍ଦିର କମିଟି ସଭାପତି ଓକିଲ ମାନସ ରଞ୍ଜନ ତ୍ରିପାଠୀ, ଶିକ୍ଷୟିତ୍ରୀ ଭାବନି ଦାସ, ହିନ୍ଦୁ ଏକତା ବାହିନୀ ସଦସ୍ୟ ଗୌରୀ ଶଙ୍କର ସାହୁ ବିଚାରକଭାବେ ଯୋଗ ଦେଇଥିଲେ। ସଂଘର ପ୍ରାନ୍ତ ବ୍ୟବସ୍ଥା ପ୍ରମୁଖ ସୁଶିଲ ଜୈନ୍, ନଗର ସଂଘ ଚାଳକ ସୋମନାଥ ଭଦ୍ରା, ବିକ୍ରମ ଜୈନ୍ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ନଗର ସେବା ପ୍ରମୁଖ ଡା.ହିମାଂଶୁ ଶେଖର ମିଶ୍ର କାର୍ତ୍ତିକ ପୂର୍ଣ୍ଣମୀ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ।

# ଅବହେଳିତ ଅବସ୍ଥାରେ ମିନି ଷ୍ଟାଡିୟମ

ଚିତ୍ରକୋଣ୍ଡା,୩୦।୧୧(ଡି.ଏନ.ଏ.)



ମିନି ଷ୍ଟାଡିୟମରେ ଗୋରୁ ଚରୁଛନ୍ତି ।

କେନ୍ଦ୍ର ଓ ରାଜ୍ୟ ସରକାର କ୍ରୀଡ଼ାର ବିକାଶ ପାଇଁ ବ୍ଲକ ଓ ପଞ୍ଚାୟତ ଷ୍ଟାଡିୟମ ଓ ମିନି ଷ୍ଟାଡିୟମ ନିର୍ମାଣ କରୁଛନ୍ତି। ସେଠାରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନକରି ଉଭୟ ଆୟୋଜକ ଓ ଖେଳାଳିମାନେ ଉପକୃତ ହୋଇଥାନ୍ତି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ଥିବା ମିନି ଷ୍ଟାଡିୟମ ଅବହେଳିତ ଅବସ୍ଥାରେ ପଡିଛି। ଏହା ସମ୍ପୂର୍ଣ୍ଣ ଜଙ୍ଗଲରେ ପରିଣତ ହୋଇଛି। ୨୦୦୭ରେ ସ୍ଥାନୀୟ ବାଳକ ବିଦ୍ୟାଳୟ ସମ୍ମୁଖରେ ପ୍ରତିଷ୍ଠା ହୋଇଥିବା ଏହି ଷ୍ଟାଡିୟମ ଏବେ ଖେଳିବା ଉପଯୋଗୀ ହୋଇନାହିଁ। ଏଠାରେ ପିଲା ଖେଳିବା ବଦଳରେ ଗୋରୁ ଚରୁଥିବା ଦେଖିବାକୁ ମିଳୁଛି। ଏନେଇ ସ୍ପୋର୍ଟସ କ୍ଲବ ଏବଂ ସ୍ଥାନୀୟ କ୍ରୀଡ଼ାପ୍ରେମୀମାନେ ଏହାର ରକ୍ଷଣାବେକ୍ଷଣ ପାଇଁ ବିଡିଓ ଲରିମନ ଖରସେଲଙ୍କୁ ଅନୁରୋଧ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ସୂଚନାଯୋଗ୍ୟ, ଏକଦା ଏହି ଖେଳ ପଡ଼ିଆରେ ରାଜ୍ୟସ୍ତରୀୟ ଖେଳ ପ୍ରତିଯୋଗିତାମାନ ହେଉଥିଲା। ବିଭିନ୍ନ ସମୟରେ ଏଠାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମଠାରୁ ଆରମ୍ଭକରି ଅନେକ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ କରାଯାଉଥିଲା। ଷ୍ଟାଡିୟମର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

## ଟ୍ରାକ୍ଟର-ବାଇକ୍ ଦୁର୍ଘଟଣା, ଜଣେ ମୃତ

ଟିକିରି, (ଡି.ଏନ୍.ଏ.): ରାୟଗଡ଼ା ଜିଲା ଟିକିରି ଥାନା ଅଧୀନ ମାଙ୍କଡ଼ଝୋଲା ନିକଟରେ ସୋମବାର ଏକ ଟ୍ରାକ୍ଟର ଏବଂ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଛି ଏବଂ ୨ଜଣ ଗୁରୁତର ହୋଇଛନ୍ତି। ସେ ହେଲେ ତୁଳସୀ ଛପର ଗ୍ରାମର ସମ୍ବୁରୁ ମାଝି। ଘଟଣାରୁ ପ୍ରକାଶ ଯେ, ତୁଳସୀ ଛପର ଗ୍ରାମର ସମ୍ବୁରୁଙ୍କ ସମେତ ଦୁଇ ପୁଅ ଅଖିଳ ଏବଂ ଖର ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ମାଙ୍କଡ଼ଝୋଲା ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଏଥିରେ ଦୁଇ ପୁଅ ଗୁରୁତର ହୋଇଥିବା ଜଣାପଡ଼ିଛି। ଟିକିରି ପୋଲିସ ପହଞ୍ଚି ଦୁଇ ଗୁରୁତରଙ୍କୁ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଛି। ସେହିପରି ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଏବଂ ବାଇକ୍ ଜବତ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

### ସଂକ୍ଷେପରେ

## ଗୋପବନ୍ଧୁ ସେବା ସମିତି ପକ୍ଷରୁ ହୁଇଲ୍ ଚେୟାର ପ୍ରଦାନ



କୋରାପୁଟ,୩୦।୧୧(ସ୍ୱ.ପ୍ର.)- କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କୋରାପୁଟସ୍ଥିତ ଗୋପବନ୍ଧୁ ସେବା ସମିତି ପକ୍ଷରୁ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ଓ କୋରାପୁଟ ମେଡିକାଲକୁ ସୋମବାର ଦୁଇଟି ହୁଇଲ ଚେୟାର ପ୍ରଦାନ କରାଯାଇଛି । ସମିତି ସଭାପତି ଭବାନୀ ଶଙ୍କର ମିଶ୍ର ଗୋଟିଏ ହୁଇଲ ଚେଆର କୁ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସମ୍ପାଦକ ଗଦାଧର ପରିଡାଙ୍କୁ ଅନ୍ୟଟି କୋରାପୁଟ ମେଡିକାଲର ମ୍ୟାନେଜର ଅଭିରାମ ସାହୁଙ୍କୁ ପ୍ରଦାନ କରିଥିଲେ। ଶାବର ଶ୍ରୀକ୍ଷେତ୍ର ମନ୍ଦିରରେ ଦର୍ଶନ ପାଇଁ ଆସୁଥିବା ବୟସ୍କ ବ୍ୟକ୍ତି ବିଶେଷ ତଥା ଭିନ୍ନକ୍ଷମ ବ୍ୟକ୍ତି ଓ ମେଡିକାଲରେ ରୋଗୀମାନେ ଏହାଦ୍ୱାରା ଉପକୃତ ହୋଇପାରିବେ।

## ବେଦାନ୍ତ ଆଶ୍ରମର ତ୍ରୟବିଂଶ ତମ ପ୍ରତିଷ୍ଠା ଉତ୍ସବ

ଗୁଣପୁର,୩୦।୧୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ସହର କରାବାଙ୍କସ୍ଥିତ ଅଦ୍ୱୈତ ବେଦାନ୍ତ ଆଶ୍ରମର ତ୍ରୟବିଂଶ ତମ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କରୋନା ନିୟମ ମାନି କାର୍ତ୍ତିକ ମାସ ପାଇଁ ଆଶ୍ରମ ପରିସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଏବଂ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣିମା ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଥିଲା। ଆଶ୍ରମ ପରିସରରେ ଥିବା ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ସମେତ ବିଷ୍ଣୁ ଗାୟତ୍ରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଏବଂ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିସହ ଆଶ୍ରମ ପରିସରରେ ଥିବା ଗୋଶାଳାର ୩ୟ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଶ୍ରମର ମୁଖ୍ୟ ସ୍ୱାମୀ ବିଦ୍ୟାନନ୍ଦ ସାଗର ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନଳିନି ମହାନ୍ତି କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ।

## ଓକିଲ ସଂଘର ପୂର୍ବତନ ସଭାପତି କୈଳାସଙ୍କ ପରଲୋକ

ଗୁଣପୁର,୩୦।୧୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ଓକିଲ ସଂଘର ପୂର୍ବତନ ସଭାପତି ତଥା କଂଗ୍ରେସ ନେତା କୈଳାସ ଚନ୍ଦ୍ର ସେନାପତି(୭୨)ଙ୍କ ସୋମବାର ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ସେନାପତିଙ୍କ ପରଲୋକରେ ଗୁଣପୁର ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ସମେତ ଅନ୍ୟ ଆଇନଜୀବୀମାନେ ଶୋକ ପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମଙ୍ଗଳବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ସେନାପତି ଗୁଣପୁର ଓକିଲ ସଂଘର ସଭାପତି ରୂପେ ୫ଥର ଦାୟିତ୍ୱ ତୁଲାଇଛନ୍ତି। ସେହିପରି ତାଙ୍କରି ସଭାପତିତ୍ୱ ସମୟରେ ଗୁଣପୁର ଓକିଲ ସଂଘ ପ୍ରତିଷ୍ଠା ହୋଇଥିଲା।

# ସେବା ପେପର ମିଲ୍ ଖୋଲିବା ନେଇ ପ୍ରକ୍ରିୟା ଆରମ୍ଭ

ଜୟପୁର,୩୦।୧୧ (ନି.ପ୍ର.)




କୋରାପୁଟ ଜିଲା ଜୟପୁର ଅଞ୍ଚଳର ଏକମାତ୍ର ବୃହତ ଶିଳ୍ପ ସେବା କାଗଜକଳ ୨୦୧୯ ଏପ୍ରିଲରୁ ବନ୍ଦ ରହିଛି। ଏହାକୁ ଚାଲୁ କରିବା ପାଇଁ ଆନ୍ଦୋଳନ ଜାରି ରହିଛି। ଶ୍ରମିକ ସଂଘ ଓ ଶ୍ରମିକମାନେ ଅଗଷ୍ଟ ୧୨ରୁ ଏହାକୁ ଚାଲୁ କରିବା ଲାଗି ଦାବି ଜଣାଇ ପ୍ରତ୍ୟେହ ଏକ ଘଣ୍ଟା ସକାଳ ୧୦ରୁ ୧୧ଟା ପର୍ଯ୍ୟନ୍ତ ଜୟପୁର ମୁଖ୍ୟ ଟ୍ରାଫିକ ଛକରେ ଛିଡା ହୋଇ ସରକାରଙ୍କ ଉଦ୍ଦେଶ୍ୟରେ ନିବେଦନ କରି ଆସୁଛନ୍ତି। ଇତି ମଧ୍ୟରେ କାଗଜକଳ ଚାଲିବା ନେଇ କେତେକ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ଚଲାଇବା ଦାୟିତ୍ୱ ନେଇଥିବା ବିଜିପିପିଏଲ କମ୍ପାନୀ ସତ୍ତ୍ୱ ଅଧିକାର ନେଇ ହାଇଦ୍ରାବାଦସ୍ଥିତ ମଦର ଆର୍ଥ ରିସୋର୍ସ ପ୍ରାଇଭେଟ ଲିମିଟେଡ ସହ ବିଜିନେସ ଟ୍ରାନ୍ସଫର୍ ଏଗ୍ରିମେଣ୍ଟରେ ଅନୁବନ୍ଧିତ ହୋଇଛି । ବିଜିପିପିଏଲ ମାର୍ଚ୍ଚ ମାସରୁ କରୋନା ଆଳରେ କର୍ମଚାରୀଙ୍କୁ କାରଖାନା ଭିତରକୁ ଯିବାକୁ ଦେଉନାହିଁ। କମ୍ପାନୀ ବକେୟା ଜଳକର, ବିଦ୍ୟୁତ୍ କର ଓ ଜରିମାନା ସହ ସୁଧ ମିଶାଇ ପ୍ରାୟ ୧ ହଜାର କୋଟି ଟଙ୍କା ଛାଡ଼ କରିବା ଓ କାରଖାନା ଚଳେଇବା ପାଇଁ କେତେକ ସୁବିଧା ଯୋଗାଇ ଦେବାକୁ ସରକାରଙ୍କୁ ଜଣାଇଛି। ରାଜ୍ୟ ସରକାର ଅନୁକୂଳ ମନୋଭାବ ରଖିଥିବା ଯୋଗୁ ଏବେ କମ୍ପାନୀ ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। କେତେକ ଶ୍ରମିକ କାମରେ ଯୋଗ ଦେଇଛନ୍ତି। ବର୍ତ୍ତମାନ ଆବଶ୍ୟକ ଅନୁଯାୟୀ ମେକାନିକାଲ ଇଞ୍ଜିନିୟରିଂ ଓ ଇଲେକ୍ଟ୍ରିକାଲ ବିଭାଗର ଶ୍ରମିକଙ୍କୁ ମରାମତି କାର୍ଯ୍ୟ ପାଇଁ ନିଆଯାଉଛି । ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା ଲାଗି ଏକ ଉଚ୍ଚସ୍ତରୀୟ ବୈଠକ ନିକଟରେ ହେବାକୁ ଯାଉଛି। ଅଗଷ୍ଟ ୨୮ରେ ନୂଆ କମ୍ପାନୀ କେତେକ ବିଷୟରେ ସରକାରଙ୍କୁ ପ୍ରସ୍ତାବ ଦେଇଥିଲା। ଅକ୍ଟୋବର ୫ରେ ସରକାରଙ୍କ ସହ ଆଲୋଚନା ହୋଇଥିଲା। ମୁଖ୍ୟ ଶାସନସଚିବ କୋରାପୁଟ ଜିଲାପାଳ ଏବଂ ଶ୍ରମ ଅଧିକାରୀଙ୍କୁ ତଥ୍ୟ ମାଗିଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରମିକମାନଙ୍କ ସମସ୍ତ ଦେୟ ଓ ଚାକିରି ନିରାପତ୍ତା ନୂଆ କମ୍ପାନୀକୁ ନେବାକୁ ହେବ ବୋଲି ସ୍ପଷ୍ଟ ଭାବେ କହିଥିଲେ। କାରଖାନା ପକ୍ଷରୁ କର୍ମଚାରୀଙ୍କୁ ୧୦ହଜାର ଟଙ୍କା ଲେଖାଏ ଅଗ୍ରିମ ଟଙ୍କା ଦେବାକୁ କହିଥିଲେ। ମାତ୍ର ଏହା ଏଯାଏ ମିଳିନାହିଁ। ଇତି ମଧ୍ୟରେ କମ୍ପାନୀ ଅଧ୍ୟକ୍ଷ କରୋନାରେ ସଂକ୍ରମିତ ହୋଇଥିବାରୁ ନଭେମ୍ବରରେ ହେବାକୁ ଥିବା ୩ଟି ବୈଠକ ବାତିଲ ହୋଇଛି। ଡ଼ିସେମ୍ବର ପ୍ରଥମ ସପ୍ତାହରେ ଏ ଦିଗରେ କିଛି ଅଗ୍ରଗତି ହୋଇପାରେ ବୋଲି ଶ୍ରମିକମାନେ ଆଶା ରଖିଛନ୍ତି। ନୂଆ କମ୍ପାନୀ ମଧ୍ୟ ଫାକ୍ଟରି ଲାଇସେନ୍ସ ପାଇଁ ଆବେଦନ କରିଛି। କାରଖାନା ଚାଲୁପାଇଁ କେତେକ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଲ୍ଟ ସେବା କାଗଜ କଳ ନାଁରେ ଥିବା ଭୂ-ସମ୍ପଦରୁ ପ୍ରାୟ ୬୫ ଏକର ନୂଆ କମ୍ପାନୀକୁ ହସ୍ତାନ୍ତର ହୋଇଛି । ପଲ୍ପ ମିଲ ବିଭାଗର ଯେଉଁ ଛାତ ଭୁଷୁଡି ପଡ଼ିଥିଲା ତାର କାର୍ଯ୍ୟ ଆରମ୍ଭ ହୋଇଛି। ବଏଲର୍ ର ମରାମତି କାମ ଚାଲିଛି। ପାଇପ ଲାଇନ କାମ ଆରମ୍ଭ ହୋଇ ୨୦୦ ମିଟର ମରାମତି ସରିଛି। ଆଉ ପ୍ରାୟ ୧ ହଜାର ମିଟର କାମ ହେବ । ଅନେକ କର୍ମଚାରୀ ଅବସର ନେଲେଣି। ସେମାନଙ୍କ ଇପିଏଫ ଟଙ୍କା ଜମା ହୋଇ ନ ଥିବାରୁ ପେନସନ ମିଳୁନାହିଁ । ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ମଧ୍ୟ ମିଳୁନାହିଁ । ଏ ଦିଗରେ କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ଦାବି କରିଛନ୍ତି।

## ବାଲୁଙ୍କେଶ୍ୱରଙ୍କ ଚନ୍ଦ୍ରଶେଖର ବେଶ



ଜୟପୁର, ୩୦।୧୧(ନି.ପ୍ର.)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଜୟପୁର ନିକଟ ଗାଗନାପୁରସ୍ଥିତ ବାଲୁଙ୍କେଶ୍ୱର ବାବାଙ୍କୁ ଚନ୍ଦ୍ରଶେଖର ବେଶରେ ସଜ୍ଜିତ କରାଯାଇଥିଲା। ଚଳିତବର୍ଷ ପୂର୍ଣ୍ଣିମା ସୋମବାରରେ ପଡିଥିବାରୁ ଏପରି ବେଶ କରାଯାଇଛି । କିନ୍ତୁ କୋଭିଡ୍ କଟକଣା ହେତୁ ଶ୍ରଦ୍ଧାଳୁମାନେ ବାବାଙ୍କ ଏହି ଦୁର୍ଲଭ ବେଶ ଦର୍ଶନରୁ ବଞ୍ଚିତ ହୋଇଛନ୍ତି ।

# ଜିଲାରେ ଗଡ଼ିଲା କରୋନା ସଚେତନତା ରଥ




ଅତିଥିମାନେ ସଚେତନତା ପୋଷ୍ଟର ଉନ୍ମୋଚନ କରୁଛନ୍ତି ।

ରାୟଗଡ଼ା ଅଫିସ,୩୦।୧୧

### କ୍ଷେତ୍ର ପ୍ରସାର କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଜୟପୁର କ୍ଷେତ୍ର ପ୍ରସାର କାର୍ଯ୍ୟାଳୟ ପକ୍ଷରୁ ସୋମବାର ରାୟଗଡ଼ା ଜିଲା ମୁଖ୍ୟାଳୟଠାରେ ଏକ କରୋନା ସଚେତନତା ରଥର ଉଦ୍‌ଘାଟିତ ହୋଇଛି। ରାୟଗଡ଼ାର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏଥିସହ କରୋନା ସଚେତନତା ବାର୍ତ୍ତା ସମ୍ପର୍କିତ ପୋଷ୍ଟର ଉନ୍ମୋଚନ କରିଥିଲେ। କରୋନାର ପ୍ରଭାବ ଏବେ ମଧ୍ୟ ରହିଛି ତେଣୁ ଏହି ରଥ ଜିଲାର ସମସ୍ତ ବ୍ଲକ୍, ପଞ୍ଚାୟତ ଏବଂ ଗାଁ ବୁଲି ଭୂତାଣୁଠାରୁ ନିଜକୁ କିପରି ସୁରକ୍ଷିତ ରଖିବେ, ସେ ନେଇ ଲୋକଙ୍କୁ ସଚେତନ କରିବ। ସଚେତନତା ଅଭିଯାନ ଜିଲାରେ ଡିସେମ୍ବର ୧୯ ପର୍ଯ୍ୟନ୍ତ ଚାଲିବ। ପୋଷ୍ଟର ଏବଂ ଷ୍ଟିକର ସହ ବିଭିନ୍ନ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ ବୋଲି ଜଣାପଡ଼ିଛି। ୧୦ ଅତି ପ୍ରଭାବିତ ଜିଲା ମଧ୍ୟରେ ରାୟଗଡ଼ା ରହିଥିବାବେଳେ ଶୀତ ଋତୁରେ ଅଧିକ ବ୍ୟାପିବା ଆଶଙ୍କା କରାଯାଉଛି। ତେଣୁ ସଚେତନତା ଜରୁରି ବୋଲି କୁହାଯାଇଛି। ରଥ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ୱାଭିମାନ ଅଞ୍ଚଳକୁ ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କ ଗସ୍ତ

ଚିତ୍ରକୋଣ୍ଡା,୩୦।୧୧(ଡି.ଏନ.ଏ.)

ନବରଙ୍ଗପୁରର ପୂର୍ବତନ ଏମ୍‌ପି ତଥା ପିସିସିର ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ସୋମବର ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳ ଗସ୍ତ କରିଛନ୍ତି। ତାଙ୍କ ସହିତ ମାଲକାନଗିରି ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ମାଥିଲି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ନାୟକ, ଚିତ୍ତରଞ୍ଜନ ପଟ୍ଟନାୟକ, ମଙ୍ଗୁଖିଲ, ଆନନ୍ଦ ପାଙ୍ଗି ପ୍ରମୁଖ ଗସ୍ତ କରିଥିଲେ। ସେମାନେ ଜୋଡ଼ାମ୍ବ ପଞ୍ଚାୟତର ଜନ୍ତୁରାଇ ଓ ଦାରଲାବେଢା ଗ୍ରାମ ରେ ପହଞ୍ଚିବା ପରେ ଗ୍ରାମବାସୀ ସ୍ୱାଗତ କରିଥିଲେ। ଦାରଲାବେଢାଠାରେ ଏକ ବୈଠକ କରି ଉକ୍ତ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକଙ୍କୁ ପଚାରି ବୁଝିଥିଲେ। ଯୋଡ଼ାମ୍ବସ୍ଥିତ ବିଦ୍ୟାଳୟର ୧୦ଟି ଶ୍ରେଣୀ ଗୃହ ପାଇଁ ଜଣେ ଶିକ୍ଷକ ଥିବା ସହ ଗ୍ରାମର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ପରେ ମାଝି ଗୋରାସେତୁ ଏବଂ ଲାଲଗଡ଼ ପଣସପୁଟ ଗ୍ରାମରେ ପହଞ୍ଚି ପାଇଖାନା ନିର୍ମାଣ,ପିଏମଜିୱାଇ ରାସ୍ତା କାମ, ପାନୀୟଜଳ ଓ ସ୍ୱାସ୍ଥ୍ୟସେବା ଉପରେ କରାଯାଇଥିବା କାମ ବୁଲି ଦେଖିଥିଲେ। ସବୁ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ସୂଚନା ଦେଇ ଏଥିପାଇଁ ମାଲକାନଗିରିର ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ମାଝି ଦାୟୀ କରିଥିଲେ। ପରେ ସେ ଗୋରାସେତୁ , ଖଜୁରିଗୁଡା, ସିନ୍ଧିପୁଟ ଗ୍ରାମକୁ ଗସ୍ତ କରିଥିଲେ।

## ମୌଳିକ କର୍ତ୍ତବ୍ୟ ବିଷୟରେ ଆଲୋଚନା



ୱେବିନାର୍‌ରେ ମାଧ୍ୟମରେ ସଚେତନତା ।

ଗୁଣପୁର,୩୦।୧୧(ଡି.ଏନ୍.ଏ.)

### ଆଇନ ସେବା ସଂସ୍ଥା ପକ୍ଷରୁ ସଚେତନତା

ରାୟଗଡ଼ା ଜିଲା ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ସମ୍ବିଧାନର ମୌଳିକ କର୍ତ୍ତବ୍ୟ ବିଷୟକୁ ନେଇ ସୋମବାର ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସଂସ୍ଥାର ଅଧ୍ୟକ୍ଷ ତଥା ଏଡିଜେ ଅଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଚେତନତା କାର୍ଯ୍ୟକ୍ରମରେ ସବ୍‌ଜଜ୍ ସଙ୍ଗୀତା ମଲିକ, ଏସ୍‌ଡିଜେଏମ୍ ବିଭୂତି ଭୂଷଣ ନାୟକ ପ୍ରମୁଖ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସମ୍ବିଧାନରମୌଳିକ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘର ସମ୍ପାଦକ ରମେଶ ଚନ୍ଦ୍ର ଲିମାଙ୍କ ସମେତ ମୁଖ୍ୟବକ୍ତା ଭାବେ ପଦ୍ମପୁର ଆର୍.ଜି. କଲେଜ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ସବାସ ଚନ୍ଦ୍ର ସାହୁ, ରାମନାଗୁଡ଼ା ଯକ୍ତୁଦୁଇ ଆର୍ଯ୍ୟନ୍ କଲେଜ ରାଜନୀତି ବିଜ୍ଞାନ ଅଧ୍ୟାପକ ବିନନ୍ତ ଡଙ୍ଗରି, ଆର୍.ଜି. କଲେଜର ଅଧ୍ୟକ୍ଷ ଉଦୟ ଚନ୍ଦ୍ର ସାହୁ, ଗୁଣପୁର ଯକ୍ତୁଦୁଇ ବଂଶଧାରା କଲେଜର ଅଧ୍ୟକ୍ଷ ସରୋଜ କୁମାର ଦାସ, ଜେଲ୍ ସହକାରୀ ଅଧୀକ୍ଷକ ଗୁରୁବାରିଆ ଦଳବେହେରା, ଆର୍ଯ୍ୟନ୍ କଲେଜର ଅଧ୍ୟକ୍ଷ ରବି କୁମାର ଚୌଧୁରୀ ଓ ଛାତ୍ରୀ ତେଜେଶ୍ୱରି କଣ୍ଡାଗିରି ପ୍ରମୁଖ ନିଜ ମତ ରଖିଥିଲେ। ୱେବିନାର୍‌ରେ କଲେଜ ଛାତ୍ରୀଛାତ୍ରଙ୍କ ସମେତ କୋର୍ଟର କର୍ମଚାରୀ ଏବଂ ଆଇନଜୀବୀମାନେ ଉପସ୍ଥିତ ଥିଲେ।

# ଏକାଠି ହେଲେ ସବୁ ଦଳର ନେତା

ଜୟପୁର,୩୦।୧୧(ନି.ପ୍ର.)

### ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗ

ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ଦାବି ଉପସ୍ଥାପନ କରିଛନ୍ତି ସବୁ ଦଳର ନେତା। ସୋମବାର ଭୁବନେଶ୍ୱରସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଭବନରେ ଅବିଭକ୍ତ କୋରାପୁଟ ଜିଲାର ମନ୍ତ୍ରୀ, ବିଧାୟକ ଓ ଅନ୍ୟ ନେତାମାନେ ଏକାଠିହୋଇ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ମତକୁ ସମର୍ଥନ କରିଛନ୍ତି। ରବିବାର ବିଧାନସଭାରେ ବାହିନୀପତି ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ମାସେ ଭିତରେ ବିଶ୍ୱବିଦ୍ୟାଳୟ ଘୋଷଣା ନ କଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ, ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାନ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢୀ, ଭୃଗୁ ବକ୍ସିପାତ୍ର, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, କୋରାପୁଟ ବିଧାୟକ ରଘୁରାମ ପଡ଼ାଲଙ୍କ ସହ ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଜିଲାର ବିଧାୟକ ଓ ନେତା ଉପସ୍ଥିତ ଥିଲେ ।

## ନୀଳକଣ୍ଠେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ପାପଡାହାଣ୍ଡି, ୩୦।୧୧ (ଡି.ଏନ୍.ଏ.)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନବରଙ୍ଗପୁର ଜିଲା ପାପଡାହାଣ୍ଡିର ପ୍ରସିଦ୍ଧ ଶୈବ ପୀଠ ନୀଳକଣ୍ଠେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ମୁଖ୍ୟ ପୂଜକ ଶିବ କୁମାର ତ୍ରିପାଠୀ ଓ ନୀଳକଣ୍ଠ ତ୍ରିପାଠୀ ପ୍ରାତଃ ପୂଜା କରିବା ପରେ ଲୋକେ ଧାଡି ବାନ୍ଧି ଠାକୁରଙ୍କ ଦର୍ଶନ କରିଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମଧ୍ୟ ସେଠାରେ ପହଞ୍ଚି ଠାକୁରଙ୍କ ଦର୍ଶନ କରିବା ସହ ଅସହାୟଙ୍କୁ କମ୍ବଳ ବଣ୍ଟନ କରିଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ଝାଡ଼େଶ୍ୱର, ଗର୍ଭରାଇ ଆଦି ଶୈବ ପୀଠରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଥିଲା।

# ପଡ଼ିଆ ବ୍ଲକରେ ଖୋଲିଛି ୭ ମଣ୍ଡି

ପଡିଆ,୩୦।୧୧(ଡି.ଏନ.ଏ.)

ପଡ଼ିଆ ବ୍ଲକ ସାପ୍ତାହିକ ହାଟଠାରେ ସୋମବାର ଖରିଫ ଧାନମଣ୍ଡି ଆରମ୍ଭ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେବା ମାଡ଼ି ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏମ୍ଆଇ ମାନଭଞ୍ଜନ ହୋତା,ଆର୍ଏମ୍‌ସିର ବେଣୁଗୋପାଳ ରାଓ,ମାଝି ସତ୍ୟନାରାୟଣ, ଲ୍ୟାମ୍ପ ଏମ୍‌ଡି ସୁଧା ରଞ୍ଜନ ପ୍ରସାଦ ଉପସ୍ଥିତ ଥିଲେ। ପଡ଼ିଆ ବ୍ଲକରେ ୭ଟି ମଣ୍ଡି କରାଯାଇଛି। ପଡିଆ ମଣ୍ଡି ସୋମବାର ଓ ଗୁରୁବାର, କାସଦାପାଲି ସୋମବାର,ସିମିଳିବାଞ୍ଚା ସୋମବାର, ମଟେରୁ ମାସର ପ୍ରଥମ ଓ ତୃତୀୟ ଶନିବାର, ନିଳିଗୁଡା ପ୍ରତି ଶନିବାର, ଏମ୍‌ଭି-୭୯ ମଙ୍ଗଳବାର ଓ ଶୁକ୍ରବାର, ପଶୁଗୁଡା ଶୁକ୍ରବାର ମଣ୍ଡି ଖୋଲିବ। ଚାଷୀମାନେ ଧାର୍ଯ୍ୟ ଦିନର ସକାଳ ୯ଟାରେ ମଣ୍ଡିକୁ ଧାନ ଆଣିପାରିବେ। ପ୍ରତ୍ୟେକ ଚାଷୀ ୪୦ କୁଇଣ୍ଟାଲ ଧାନ ଆଣିବେ। ଗତବର୍ଷ ଏହା ୩୦ କୁଇଣ୍ଟାଲ ଥିଲା। ଧାନ ଆଣିବା ପାଇଁ ଚାଷୀମାନେ ୭ ଦିନ ପୂର୍ବରୁ ଟୋକନ ଲ୍ୟାମ୍ପ କାର୍ଯ୍ୟାଳୟରୁ ସଂଗ୍ରହ କରିବେ।

# କାର୍ଯ୍ୟକ୍ଷମ ହେଉନି ଶବ ବ୍ୟବଚ୍ଛେଦ ଗୃହ

ବୋରିଗୁମ୍ମା,୩୦।୧୧(ଡ଼ି.ଏନ.ଏ.)



ବିଜେଡି କର୍ମକର୍ତ୍ତାମାନେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି ।

### ବିଜେଡି ଦେଲା ଦାବିପତ୍ର

କୋରାପୁଟ ଜିଲା ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ମାତ୍ର ଏହା ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ। ସୋମବାର ଏନେଇ ବିଜେଡି ପକ୍ଷରୁ ମେଡିକାଲ ଅଫିସରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରାଯାଇଛି। ଏକ ସପ୍ତାହ ମଧ୍ୟରେ ଏହା କାର୍ଯ୍ୟକ୍ଷମ ନ ହେଲେ ଦଳ ରାଜରାସ୍ତାକୁ ଓହ୍ଲାଇବେ ବୋଲି କୁହାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଲୋକେ ଏଠାରୁ ୧୫କିମି ଦୂରରେ ଥିବା ବି.ସିଂପୁର ଯାଉଛନ୍ତି। ଏଥିପାଇଁ ମହାପ୍ରୟାଣ ଗାଡିର ସୁବିଧା ନାହିଁ। ୧୫କିମି ରାସ୍ତା ପାଇଁ ବେସରକାରୀ ଗାଡି ୫ହଜାର ରୁ ୭ହଜାର ପର୍ଯ୍ୟନ୍ତ ଭଡା ନେଉଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବିଜେଡି ନେତ୍ରୀ ଡ. ଇନ୍ଦିରା ନନ୍ଦ, ଜିଲା ପରିଷଦ ସଭ୍ୟ ଏଲ. ନାରାୟଣ, ବିଜେଡି ବ୍ଲକ ସଭାପତି ବିବେକାନନ୍ଦ ପଟ୍ଟନାୟକ, ପରୀକ୍ଷିତ ପଟ୍ଟନାୟକ, କେଶବ ରାଓ, ଗୁପ୍ତ ଗନ୍ତାୟତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ସତ୍ୟମ୍‌ଙ୍କୁ ରିକ୍ସା ଭରସା

ରାୟଗଡ଼ା ଅଫିସ,୩୦।୧୧



ରିକ୍ସାରେ ଯାତ୍ରୀ ନେଇ ଯାଉଛନ୍ତି ଦିବ୍ୟାଙ୍ଗ ସତ୍ୟମ୍।

ପରିଣତ ବୟସରେ ଦେହର ବଳ କମିଲାଣି। ଏକ ଦୁର୍ଘଟଣାରେ ଗୋଟିଏ ହାତ ମଧ୍ୟ ହରାଇଛନ୍ତି। ହେଲେ ସେ ଥକିନାହାନ୍ତି। ତାଙ୍କ ଦୃଢ଼ ମନୋବଳ ତାଙ୍କୁ ଅକ୍ଷମ କରିବାକୁ ଦେଇନି। ଏମିତି ଜଣେ ମଣିଷ ହେଉଛନ୍ତି ରାୟଗଡ଼ା ଇନ୍ଦିରା ନଗର ଅଞ୍ଚଳର ୮୦ ବର୍ଷୀୟ ରିକ୍ସା ଚାଳକ ଏସ୍. ସତ୍ୟମ୍। ଗୋଟିଏ ହାତ ନ ଥିଲେ ମଧ୍ୟ ସେ ପ୍ରତ୍ୟେକ ଦିନ ରେଳ ଷ୍ଟେଶନ ନିକଟରେ ଯାତ୍ରୀଙ୍କୁ ଅପେକ୍ଷା କରିଥାନ୍ତି।

ବାର୍‌ହା ଶିକାର ପାଇଁ ରଖାଯାଇଥିବା ବୋମା ବିସ୍ଫୋରଣରେ ସତ୍ୟମ୍ ୬୦ ବର୍ଷ ତଳେ ହାତ ହରାଇଥିଲେ। ହେଲେ ସ୍ୱାଭିମାନର ସହ ଜୀବନ ବଞ୍ଚିବାର ତାଙ୍କର ଚିନ୍ତାଧାରା ଏବଂ ଇଚ୍ଛାଶକ୍ତି ତାଙ୍କୁ ରିକ୍ସା ଚଳାଇବାକୁ ସାହସ ଯୋଗାଇଥିଲା। ମାତ୍ର ଏବେକା ସମୟରେ ଅଟୋରିକ୍ସା ଯୋଗୁ ରିକ୍ସାର ଚାହିଦା କମିଯାଇଛି। ତେଣୁ ସତ୍ୟମ୍‌ଙ୍କ ଆୟ ମଧ୍ୟ କମିଯାଇଛି। ତଥାପି ପ୍ରତ୍ୟେକ ଦିନ ତାଙ୍କର ଯାତ୍ରୀଙ୍କୁ ଅପେକ୍ଷା ଅନେକଙ୍କୁ ପ୍ରେରଣା ଯୋଗାଇଥାଏ। ହେଲେ ସ୍ତ୍ରୀ ଏବଂ ଝିଅକୁ ନେଇ ସତ୍ୟମ୍‌ଙ୍କ ପରିବାର ମଧ୍ୟ ରହିଛି। ରିକ୍ସା ପରିବାର ଚଳାଇବାକୁ ଯଥେଷ୍ଟ ହୋଇପାରୁନି। ସରକାରୀ ସହାୟତା କହିଲେ ମାସିକ ୫ଶହ ଟଙ୍କା ଏବଂ ୩୫ କେଜି ଚାଉଳ ପାଉଛନ୍ତି। ଅଟୋରିକ୍ସାଟିଏ ପାଇଁ ଆବେଦନ କରି ମଧ୍ୟ ପାଇନାହାନ୍ତି। ଆଗକୁ ରିକ୍ସା ଚଳାଇବା ପାଇଁ ବୟସ ମଧ୍ୟ ସହଯୋଗ କରିବନି। ତେଣୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ପଡ଼ୋଶୀ ସି. ନାରାୟଣ ପାଳ ଏବଂ ସତ୍ୟମ୍‌ଙ୍କ ଝିଅ ଗୌରି ନିବେଦନ କରିଛନ୍ତି।

